GRAMEEN SNEH FOUNDATION

Regn. No. 2000

Website : http://www.grameensnehafoundation.org
www.facebook.com / grameensnehafoundation

# ଗ୍ରାମୀଣ ସ୍ନେହ ଫାଉଣ୍ଡେସନ୍

## HCG PANDA
CANCER HOSPITAL

adding life to years

## ପଣ୍ଡା କ୍ୟୁରୀ କ୍ୟାନ୍ସର ହସ୍ପିଟାଲ

କର୍କଟ ରୋଗ ଏକ ମାରାତ୍ମକ ରୋଗ । କୌଣସି ଜୀବକୋଷ ଉତ୍ତେଜିତ ହୋଇ ସ୍ୱତଃପ୍ରବୃତ୍ତ ଭାବରେ ବଢି ଚାଲିଲେ ଏ ରୋଗ ହୋଇଥାଏ । ଛୁଆଁଙ୍କଠୁ ବୁଢାଯାଏ । ମାତ୍ର ୪୦ ବର୍ଷ ପରେ ବେଶୀ ହୁଏ ।

ଆମ ଦେଶରେ ମୁଖ ଗହ୍ୱର, ପାକସ୍ଥଳୀ, ସ୍ତନ ଓ ଜରାୟୁ ଗ୍ରୀବା କ୍ୟାନ୍‌ସର ସବୁଠୁ ବେଶୀ । ବହୁତ ତମାଖୁ ବ୍ୟବହାର ପାଟି କ୍ୟାନସରର ପ୍ରଧାନ କାରଣ । ଆମ ଦେଶରେ ୨୦-୨୫ ଭାଗ । ପାଶ୍ଚାତ୍ୟ ଦେଶରେ ମାତ୍ର ୨ ଭାଗ ।

କର୍କଟ ରୋଗ ଏକ ନୂଆରୋଗ ନୁହେଁ । ଏପରିକି ବେଦ, ଉପନିଷଦଠୁ, ଇଜିପ୍‌ଟର ପାଗୋଡାରେ ନମୁନା ଅଛି ।

ଆଜିକାଲିର ତମାଖୁ, ମଦ, ମାଂସ ଅଭ୍ୟାସ, ପ୍ରଦୁଷଣ, ଖାଦ୍ୟଦ୍ରବ୍ୟର ଅପମିଶ୍ରଣ, ମେଦମୋଟାପଣ ପ୍ରଭୃତି ବିଭିନ୍ନ କାରଣ ଯୋଗୁଁ ଏ ରୋଗୀଙ୍କ ସଂଖ୍ୟା ବଢିଚାଲିଛି ।

ସ୍ତ୍ରୀଲୋକମାନଙ୍କର ସ୍ତନ ଓ ଜରାୟୁଗ୍ରୀବା କ୍ୟାନସର ବେଶୀ । କୌଣସି ଗୋଟିଏ କାରଣ ଜଣାପଡ଼ିନି । ସ୍ତନ କ୍ୟାନସର ପିଲା ନ ଥିବା ବା ବାହା ହୋଇ ନ ଥିବା ମହିଳାମାନଙ୍କର ବେଶୀ ହୁଏ । ସେମିତି ବେଶୀ ପିଲା ହେଲେ ଜରାୟୁ ଗ୍ରୀବା କ୍ୟାନସର ବେଶୀ । ୩୫।୪୦ ବର୍ଷ ବେଲୁ ଅନ୍ତତଃ ବର୍ଷକୁ ଥରେ ପରୀକ୍ଷା କରାଇ ଦିଅନ୍ତୁ । ପ୍ରଥମାବସ୍ଥାରୁ ରୋଗ ଚିହ୍ନି ଚିକିତ୍ସା କଲେ ଶହେରୁ ନବେ ଜଣ ଭଲ ହୋଇଛନ୍ତି ।

ପୁରୁଷମାନଙ୍କର ୮୫ ବର୍ଷ ବେଳକୁ ୩ ଜଣଙ୍କ ମଧ୍ୟରେ ଜଣକୁ ପ୍ରେଷ୍ଟେଟ୍ କ୍ୟାନ୍ସର ହୋଇପାରେ । ଆଜିକାଲି ବହୁତ ଲୋକ ବେଶୀ ବର୍ଷ ବଞ୍ଚୁଥିବରୁ ୬୦ ବର୍ଷ ପରେ ଏଥିପାଇଁ ପରୀକ୍ଷା କରାଇଦିଅନ୍ତୁ।

ଲକ୍ଷଣ ରୋ ହୋଇଥିବା ଜାଗା ଉପରେ ନିର୍ଭର କରେ।

ସାତୋଟି ଲକ୍ଷଣ :-

C -
A -
U -
T -
I -
O -
N -

କର୍କଟ ରୋଗ ସନ୍ଦେହ ହେଲେ - ଚିହ୍ନିବା ପାଇଁ ଆଜିକାଲି ବହୁତ ପ୍ରକାରର ପରୀକ୍ଷା କରାଯାଉଛି । ଛୁଞ୍ଚିଦ୍ୱାରା ରସରେ ଜୀବକୋଷ (FNAC) ବା ମାଂସ ପରୀକ୍ଷା ନିହାତି ଦରକାର (Biospy)।

୧) ଏକ୍ସରେ, ଅଲଟ୍ରାସାଉଣ୍ଡ୍, ସିଟିସ୍କାନ, ଏମ୍.ଆର.ଆଇ (M.R.I), ପେଟ୍ ସ୍କାନ (PET SCAN) ପ୍ରଭୃତି ଦ୍ୱାରା ଫଟୋ ଉଠାଯାଇ ଦେହ ଭିତରର ସବୁ ଅଂଶ ଦେଖିହେବ ଓ କ୍ୟାନ୍ସର ହୋଇଛି ବୋଲ ଜାଣିହେଉଛି । ସେଥିରୁ ଅପରେସନ୍ ହୋଇପାରିବ ବା ନାହିଁ ମଧ୍ୟ ଜାଣି ହେବ । ଛୁଞ୍ଚିଦ୍ୱାରା ରସରେ ପରୀକ୍ଷା କରିହେବ।

ବୟସ୍କମାନଙ୍କର ହୃଦ୍‌ରୋଗ, ରକ୍ତଚାପ, ଡାଇବେଟିସ୍ ପ୍ରଭୃତି ଥିଲେ ମଧ୍ୟ ଅପରେସନ୍ କରିହେବ । ମାତ୍ର ସେସବୁ ଚିକିତ୍ସା କରାଯାଇ କଣ୍ଟ୍ରୋଲରେ ଥିବା ଦରକାର । ନଚେତ୍ ଅପେକ୍ଷା କରି ଠିକ୍ କରିବାକୁ ହେବ ।

ହୃଦ୍‌ରୋଗ, କ୍ୟାନ୍‌ସର ଓ ଦୁର୍ଘଟଣା - ମୃତ୍ୟୁର ତିନୋଟି ପ୍ରଧାନ କାରଣ । ଏବେ କ୍ୟାନ୍‌ସର ଶହେରେ ୫୦ ଜଣ ପାଶ୍ଚାତ୍ୟ ଦେଶରେ ଭଲ ହୋଇଥିବା ବେଳେ ଆମ ଦେଶରେ ୩୦ ଜଣ ଭଲ ହୋଇପାରୁଛନ୍ତି । ପ୍ରଧାନ କାରଣ ଆମର ରୋଗୀମାନେ ଡାକ୍ତରଙ୍କ ପାଖକୁ ଆସିଲାବେଳକୁ ଡେରି କରିଦେଉଛନ୍ତି । ୧୦୦ରୁ ୬୦ ଭାଗ ଦ୍ୱିତୀୟ ବା ତୃତୀୟ ଷ୍ଟେଜ୍ ।

ରେଡ଼ିଓଥେରାପିର ଆଜିକାଲି ବହୁତ ଯନ୍ତ୍ର ବାହାରିଲାଣି । ତେଣୁ ଯେକୌଣସି ବୟସରେ ଦେଇହେବ । ରିୟାକ୍‌ସନ୍ ବେଶୀ ନାହିଁ । ମାତ୍ର ଏହା ପ୍ରାୟ ମାସକରୁ ବେଶୀ ସମୟ ଲାଗେ - ସପ୍ତାହରେ ୫ ଦିନ ୫ ସପ୍ତାହ ।

ରୋଗ ନ ହେବା ପାଇଁ ପ୍ରଥମେ "ତମାଖୁ ବର୍ଜନ" ଅନ୍ୟାନ୍ୟ ବଦଭ୍ୟାସ ଯଥା ମଦ, ଗଂଜା, ଅଫିମ ବି ଛାଡନ୍ତୁ । ନିୟମିତ ପ୍ରାତଃଭ୍ରମଣ ବା ବ୍ୟାୟାମ ଦରକାର । ତା ସାଙ୍ଗକୁ ଯୋଗ ଓ ଧ୍ୟାନ । ସୁସ୍ଥ ରୁହନ୍ତୁ । ନିଜର ରୋଗ ପ୍ରତିରୋଧକ ଶକ୍ତି ବଢେଇ ପାରିଲେ ବହୁତ ଭଲ । କିଛି ସନ୍ଦେହରେ ପରୀକ୍ଷା କରାଇଦିଅନ୍ତୁ । ଶରୀର ଆଦ୍ୟଂ ଖଲୁ ଧର୍ମ ସାଧନମ୍ ।

କେମୋଥେରାପି ରୋଗୀର ରକ୍ତକୁ ଚାଲିଯାଇଥିବା କର୍କଟ ଜୀବମାନଙ୍କୁ ମାରିବାକୁ ଦିଆଯାଏ । ଅପରେସନ ପରେ ବା ଯେତେବେଳେ ରୋଗ ବହୁତ ବଢ଼ିଯାଇଥାଏ ଦିଆଯାଏ । ସବୁ ଜୀବକୋଷ ମାରିବା ପାଇଁ ବାରମ୍ବାର ଦେବାକୁ ପଡ଼େ ପ୍ରାୟ ୬ ଥର । ବାନ୍ତି ହେବା ଓ ବାଳ ଛିଣ୍ଡିଯିବା ପ୍ରାୟ ଥାଏ । ମାତ୍ର ଅଳ୍ପ ଦିନ ପାଇଁ । ଚିକିତ୍ସା ସରିଗଲେ ପୁଣି ବାଳ ଉଠେ । ଯେଉଁମାନେ ଚାହାନ୍ତି - ଚିକିତ୍ସାବେଳେ କେଶୀ (Wig) ପିନ୍ଧିପାରିବେ ।

କର୍କଟ ରୋଗ ପ୍ରଥମାବସ୍ଥାରେ ଚିହ୍ନଟ କରିବା ପାଇଁ ସମସ୍ତଙ୍କର "ନିୟମିତ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା" ଜରୁରୀ । ମାତ୍ର ଭାରତ ଭଳି ଜନବହୁଳ ଦେଶରେ ଏହା ସମ୍ଭବ ହେଉନାହିଁ । ତେଣୁ ଅନ୍ତତଃ "ମୁଖ ଗହ୍ୱର, ସ୍ତନ ଓ ଜରାୟୁ ଗ୍ରୀବା" କ୍ୟାନ୍‌ସର ଚିହ୍ନଟ ପାଇଁ ଚେଷ୍ଟା ହେବା ଉଚିତ୍ । ସରକାରୀ, ଘରୋଇ-ସବୁ କ୍ଷେତ୍ରରେ "For early detection - we need knowledgeable patient present cure rate - Western world-50%, India-30% and conscious clinician."

ତମାଖି ବ୍ୟବହାର କରୁଥିବା ଲୋକଙ୍କ ଭିତରେ ୧୦୦ରୁ ଜଣକୁ କ୍ୟାନ୍‌ସର ହୋଇଥାଏ ଓ ୧୦ ଜଣଙ୍କର ପାଟିର ଅନ୍ୟାନ୍ୟ ଉପଲକ୍ଷଣ (Lukoplakia, Crythroplasia, Sabmucous Fibrosis etc.) ଦେଖାଯାଇଥାଏ । ପରେ କ୍ୟାନ୍‌ସର ହୋଇପାରେ ।

ଚିକିତ୍ସା ବହୁତ ଜଟିଳ । ଖୁବ୍ କମ୍‌ରେ ୩ ବର୍ଷ । ୫ ବର୍ଷ ବଞ୍ଚିଲେ ଆମେ ଭଲହେଲା ବୋଲି କହୁ । ପ୍ରଥମାବସ୍ଥାରୁ କାଟି ବାହାର କରିଦେଲେ "ମୂଳୁ ମାରିଲେ ଗଲା ସରି" ସବୁଠୁ ଭଲ । ରୋଗ ନେଇ କେମୋଥେରାପି ଓ ରେଡ଼ିଓଥେରାପି ଦରକାର । ଚିକିତ୍ସା ପାଇଁ ରୋଗୀ ତାର ପରିବାର ଲୋକ, ବନ୍ଧୁବାନ୍ଧବ, ସମାଜ, ସରକାର, ଦାତବ୍ୟ ସଂସ୍ଥା ସମସ୍ତଙ୍କର ସାହାଯ୍ୟ ସହାନୁଭୂତି ଦରକାର କରିଥାଏ । ଏଥିପାଇଁ ସମସ୍ତେ ହାତ ବଢେଇବା ଉଚିତ୍ । କ୍ୟାନ୍‌ସର ଆଉ ଅସାଧ୍ୟ ହୋଇ ରହିନାହିଁ । ବର୍ଷକୁ ବର୍ଷ ଭଲ ହେଉଥିବା ରୋଗୀଙ୍କ ସଂଖ୍ୟା ବଢି ବଢି ଚାଲିଛି ।

ଓଡ଼ିଶାରେ ପ୍ରାୟ ୬୦ ହଜାର ରୋଗୀ । କ୍ୟାନ୍‌ସର ରୋଗୀଙ୍କ ପାଇଁ ସରକାରୀ, ଘରୋଇ ମିଶି ଖଟିଆ ପ୍ରାୟ ୭୦୦ । ତେଣୁ ପ୍ରାୟ ସବୁ ଡାକ୍ତରଖାନାରେ କ୍ୟାନ୍‌ସର ରୋଗୀ ରହି ଚିକିତ୍ସିତ ହୋଉଥାନ୍ତି । ବହୁତ ଅଭାବ ରହିଛି । ଭବିଷ୍ୟତରେ ହୋଇପାରେ ।

ମୁଁ ପ୍ରାୟ ୧୯୭୫ରୁ କ୍ୟାନ୍‌ସର ଚିକିତ୍ସାରେ ଅଛି । ଏବେ ବି ଅପରେସନ କରୁଛି । ମାସକୁ ୧୦୦୦ ବେଶୀ ଦେଖୁଛି ଓ ବର୍ଷକୁ ହଜାରେ ଅପରେସନ୍ କରୁଛି । ପାଶ୍ଚାତ୍ୟ ଜଗତ ଢଙ୍ଗରେ ସବୁ କରିବା ପାଇଁ ଆମ ରୋଗୀଙ୍କ ଆର୍ଥିକ ଅବସ୍ଥା ନାହିଁ । ତେଣୁ ଯେତିକି କରିହେଉଛି ଆମେ ଖୁସି ଅଛୁ । ଯେତେ ସମ୍ଭବ ନୂଆ ନୂଆ ଯନ୍ତ୍ରପାତି, ଚିକିତ୍ସା ବ୍ୟବସ୍ଥା ଓ ନୂଆ ନୂଆ ବିଭାଗଦ୍ୱାରା ବେଶୀ ରୋଗୀ ଭଲ ହୋଇପାରୁଛନ୍ତି ।

**ମସ୍ତଙ୍କର ଏକ ଉଜ୍ଜ୍ୱଳ ଭବିଷ୍ୟତ ଓ ନିରାପଦଜୀବନ ଆମର ପ୍ରାର୍ଥନା ।**

•